# NATIONAL NEWS BULLETIN (ODIA)

**22 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆତଙ୍କବାଦର ମୁକାବିଲା ସମେତ ନବସୃଜନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଉନ୍ନତି ଲାଗି ସାଇପ୍ରସ ଓ ଭାରତ ଗଠନ କରିବେ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ

– ନୂଆଦିଲ୍ଲୀରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦୀ ଓ ସାଇପ୍ରସ ରାଷ୍ଟ୍ରପତି

- ଦେଶର ସୀମାକୁ ଅଭେଦ୍ୟ କରିବା ଲାଗି କାର୍ଯ୍ୟକାରୀ ହେବ ସ୍ମାର୍ଟ ସୀମା ପ୍ରକଳ୍ପ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ନିମନ୍ତେ ନିର୍ବାଚନ ସୂଚୀ ଘୋଷଣା କଲେ ନିର୍ବାଚନ ଆୟୋଗ
- କ୍ୱାଡ ବୈଦେଶିକ ମନ୍ତ୍ରୀମାନଙ୍କ ଶିଖର ବୈଠକରେ ଯୋଗଦେବେ ଭାରତ ସମେତ ୩ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍

---

## ପିଏମ୍‌-ସାଇପ୍ରସ୍ ପ୍ରେଜ୍

ଭାରତ ଏବଂ ସାଇପ୍ରସ୍ ଆଜି ବିଭିନ୍ନ ବୁଝାମଣାପତ୍ରରେ ସ୍ୱାକ୍ଷର କରିବା ସହ ଚୂଡ଼ାନ୍ତ ଚୁକ୍ତିନାମା ଆଦାନପ୍ରଦାନ କରିଛନ୍ତି । ଉଭୟ ଦେଶ

ମଧ୍ୟରେ ଏକ ଯୁଗ୍ମ କାର୍ଯ୍ୟକାରି ଗୋଷ୍ଠୀ ଗଠନ କରି ଆତଙ୍କବାଦର ମୁକାବିଲା ସହ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଉଚ୍ଚଶିକ୍ଷା ଏବଂ ଗବେଷଣା ଓ ସାଂସ୍କୃତିକ ସହଯୋଗ ଦିଗରେ ଉଭୟ ଦେଶ ସହଭାଗି ହେବେ ବୋଲି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋ ଡୋଲାଇଟ୍‌ସଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଛି ।  ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି: **V/O**

ସାଇପ୍ରସ୍ ରାଷ୍ଟ୍ରପତି ୪ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ତାଙ୍କ ସହ ମନ୍ତ୍ରୀ, ଅଧିକାରୀ ଏବଂ ବ୍ୟବସାୟିକ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସିଛନ୍ତି ।

ଆଜି ସନ୍ଧ୍ୟାରେ ସାଇପ୍ରସ୍ ରାଷ୍ଟ୍ରପତି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିବେ । ଭାରତ ଏବଂ ସାଇପ୍ରସ୍ ମଧ୍ୟରେ ଥିବା କୁଟନୈତିକ ସଂପର୍କକୁ ଆସନ୍ତାବର୍ଷ ଫେବୃୟାରୀ ମାସରେ ୬୫ ବର୍ଷ ପୂରଣ ହେଉଥିବା ବେଳେ ଏହି ସଂପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ଦେଶ ମଧ୍ୟରେ ସହଯୋଗପୂର୍ଣ୍ଣ ଭାଗିଦାରିତା ବୃଦ୍ଧି ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

---

# ପିଏମ୍‌-କାଉନ୍‌ସିଲ୍‌ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂଆଦିଲ୍ଲୀରେ ମନ୍ତ୍ରୀସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ବୈଠକରେ ଜୀବନଧାରଣର ସହଜତା, ବ୍ୟବସାୟ କ୍ଷେତ୍ରରେ ସହଜତା ଏବଂ ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ଅନେକ ଗୁଡ଼ିଏ ସଂସ୍କାରମୂଳକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

---

# ଶାହା-ବିଏସ୍‌ଏଫ୍‌

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ସରକାର ଦେଶର ସୀମାକୁ ଅଭେଦ୍ୟ କରିବା ଲାଗି ସ୍ମାର୍ଟ ସୀମା ପ୍ରକଳ୍ପ ଆରମ୍ଭ କରିବେ । ନୂଆଦିଲ୍ଲୀରେ ଆଜି ସୀମା ସୁରକ୍ଷା ବଳ -ବିଏସ୍‌ଏଫ୍‌ର ଅଲଙ୍କରଣ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ସ୍ମାର୍ଟ ସୀମା ପ୍ରକଳ୍ପରେ ଦେଶର ସୀମାକୁ ଡ୍ରୋନ୍‌, ରାଡାର, କ୍ୟାମେରା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବଳ ବ୍ୟବହାର କରାଯାଇ ସଶକ୍ତ କରାଯିବ । ସେ କହିଛନ୍ତି, ସୀମା ସୁରକ୍ଷା ବଳର ସୁରକ୍ଷା ବ୍ୟବସ୍ଥା ଅଧୀନରେ ଆସନ୍ତା ୧ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ।

**V/O**

ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ସୀମା ସୁରକ୍ଷା କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ଭାବେ ଆନ୍ତର୍ଜାତିକ ସୀମାରେଖାକୁ ବିବେଚନା କରାଯିବା ଉଚିତ । ସେ କହିଛନ୍ତି, କେବଳ ସୀମାବର୍ତ୍ତୀ ଅଞ୍ଚଳରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ଯଥେଷ୍ଟ ନୁହେଁ । ତେବେ ସେ କ୍ଷେତ୍ରରେ ସୃଷ୍ଟି ହେଉଥିବା ଅନେକ ପ୍ରକାରର ଆହ୍ୱାନର ମୁକାବିଲା କରିବା କ୍ଷେତ୍ରରେ ବିଏସ୍‌ଏଫ୍‌ ସଫଳ

ହୋଇଛି । ଶ୍ରୀ ଶାହା ଏହି ଅବସରରେ ଅବୈଧ ଅନୁପ୍ରବେଶ, ନିଶାଦ୍ରବ୍ୟ କାରବାର, ଅସ୍ତ୍ରଶସ୍ତ୍ର ଏବଂ ନକଲୀ ମୁଦ୍ରା କାରବାର, ସୀମା ସୁରକ୍ଷା ଦିଗରେ ଆହ୍ୱାନ ପାଲଟିଥିବା କହିଛନ୍ତି ।

## ଇସି-ବାଇନାଲ୍ ଇଲେକ୍ସନ

୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ନିମନ୍ତେ ନିର୍ବାଚନ ଆୟୋଗ ନିର୍ବାଚନ ସୂଚୀ ଘୋଷଣା କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନ୍ ଏବଂ ରବ୍‌ନିତ ସିଂଙ୍କର ଆସନ୍ତାମାସରେ ରାଜ୍ୟସଭାରେ କାର୍ଯ୍ୟକାଳ ଶେଷ ହେଉଛି । ଘୋଷଣା କରାଯାଇଥିବା ନିର୍ବାଚନ ସୂଚୀ ଅନୁଯାୟୀ, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକର ୪ଟି ଲେଖାଏଁ ରାଜ୍ୟସଭା ଆସନ ନିମନ୍ତେ ନିର୍ବାଚନ ହେବାକୁ ଥିବା ବେଳେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ୩ଟି ଲେଖାଏଁ, ଝାଡ଼ଖଣ୍ଡର ୨ଟି, ମଣିପୁର, ମେଘାଳୟ, ଅରୁଣାଚଳପ୍ରଦେଶ ଏବଂ ମିଜୋରାମର ଗୋଟିଏ ଲେଖାଏଁ ଆସନ ପାଇଁ ନିର୍ବାଚନ ହେବ । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ଆସନ୍ତାମାସ ପହିଲାରେ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରାଯିବ ଓ ଜୁନ୍ ୧୮ ତାରିଖରେ ଆବଶ୍ୟକସ୍ଥଳେ ଭୋଟ୍ ଗ୍ରହଣ କରାଯିବ । ସେହିଦିନ ଭୋଟ ଗଣତି କରାଯିବ ।

ନିର୍ବାଚନ ଆୟୋଗ ମଧ ମହାରାଷ୍ଟ୍ର ଓ ତାମିଲନାଡୁରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଘୋଷଣା କରିଛନ୍ତି । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ଅଜିତ ପାୱାର ଏବଂ ଏଆଇଏଡିଏମ୍‌କେ ସାଂସଦ ସି.ଭି. ସନ୍‌ମୁଗମ୍ ବିଧାନସଭାକୁ ନିର୍ବାଚିତ ହୋଇଥିବାରୁ ଆସନ୍ତାମାସ ୧୮ ତାରିଖରେ ସେହି ଦୁଇଟି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ ।

# କ୍ୱାଡ ମିଟିଂ

କ୍ୱାର୍ଡ ବୈଦେଶିକ ମନ୍ତ୍ରୀମାନଙ୍କର ଶିଖର ବୈଠକ ଚଳିତମାସ ୨୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ଆମନ୍ତ୍ରଣକ୍ରମେ ଅଷ୍ଟ୍ରେଲିଆର ବୈଦେଶିକମନ୍ତ୍ରୀ ପେନି ଓଙ୍ଗ୍, ଜାପାନର ବୈଦେଶିକ ମନ୍ତ୍ରୀ ତୋଶି ମିତ୍ସୁ ମୋତେଗି ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହି ଶିଖର ସମ୍ମିଳନୀରେ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରସଙ୍ଗରେ ମୁକ୍ତ ଆଲୋଚନା ସହ ଗତବର୍ଷ ଜୁଲାଇ ୧ ତାରିଖରେ ୱାଶିଂଟନ୍ ଡିସିରେ ହୋଇଥିବା ଆଲୋଚନା ପ୍ରସଙ୍ଗରେ ଏହି ଶିଖର ସମ୍ମିଳନୀରେ ମତ ବିନିମୟ ହେବ ।

କ୍ୱାଡ ରାଷ୍ଟ୍ର ସମୂହ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ତଥା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଦେଖାଦେଉଥିବା ଆହ୍ୱାନ ଏବଂ ଆନ୍ତର୍ଜାତିକ ସମସ୍ୟାଗୁଡ଼ିକ ସଂପର୍କରେ ଶିଖର ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବ ।

ନୂଆଦିଲ୍ଲୀ ଗସ୍ତ ସମୟରେ ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନର ବୈଦେଶିକ ମନ୍ତ୍ରୀମାନେ ଭାରତର ବୈଦେଶିକ ମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

---

# କେରଳମ୍-ସ୍ପିକର୍

କେରଳମ୍‌ର ଷୋଡ଼ଶ ବିଧାନସଭାର ବାଚସ୍ପତି ଭାବେ ୭ଥରର କଂଗ୍ରେସ ବିଧାୟକ ଥିରୁଭାଞ୍ଚୁର ରାଧାକ୍ରିଷ୍ଣନ ନିର୍ବାଚିତ ହୋଇଛନ୍ତି ।

ସେଠାକାର ବିଧାନସଭା ଇତିହାସରେ ଶାସକ ୟୁଡିଏଫ୍, ବାମଦଳ ଏବଂ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ପ୍ରାର୍ଥୀ ବାଚସ୍ପତି ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିଲେ । ୧୪୦ ଜଣିଆ ବିଧାନସଭାରେ ଶାସକ ୟୁଡିଏଫ୍ ପ୍ରାର୍ଥୀ ଶ୍ରୀ ରାଧାକ୍ରିଷ୍ଣନ ୧୦୧ ଭୋଟ୍‌ରେ ବିଜୟୀ ହୋଇଥିଲେ । ବିରୋଧୀ ଏଲ୍‌ଡିଏଫ୍ ପ୍ରାର୍ଥୀ ଏ.ସି. ମୋଇଦ୍ଦିନଙ୍କୁ ୩୫ ଖଣ୍ଡ ଭୋଟ୍ ମିଳିଥିଲା ।

ସୂଚନା ଅନୁଯାୟୀ, ଆସନ୍ତା ଜୁନ୍ ୧ ତାରିଖରେ ଉପବାଚସ୍ପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

---

# ଏସସି-ସିବିଏସ୍‌ଇ ପିଆଇଏଲ୍

ନବମ ଶ୍ରେଣୀରୁ ୩ଟି ଭାଷା ବାଧ୍ୟତାମୂଳକ ଭାବେ ଜୁଲାଇ ୧ରୁ ଅଧ୍ୟୟନ କରିବା ସଂପର୍କିତ କନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇର ନୂଆ ନୀତିକୁ ବିରୋଧ କରି ଦାୟର ହୋଇଥିବା ଆବେଦନର ଶୁଣାଣି କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ସମ୍ମତି ପ୍ରକାଶ କରିଛନ୍ତି । ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠରେ ଏହି ମାମଲା ଉପସ୍ଥାପନ କରିଛନ୍ତି । ଖଣ୍ଡପୀଠରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପଞ୍ଚୋଲି ସଦସ୍ୟ ରହିଛନ୍ତି । ଶ୍ରୀ ରୋହତଗୀ କହିଛନ୍ତି ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ସେବିଏସ୍‌ଇ ପକ୍ଷରୁ ପ୍ରଣୀତ ନୂଆ ନୀତି ଅନୁଯାୟୀ, ନବମ ଶ୍ରେଣୀରେ ୨ଟି ଅତିରିକ୍ତ ଭାଷାକୁ ବାଧ୍ୟତାମୂଳକ ଭାବେ ଅଧ୍ୟୟନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ସପ୍ତାହରେ ଏହି ମାମଲାର ଶୁଣାଣି କରିବା ଲାଗି ପ୍ରଧାନ ବିଚାରପତି ସମୟ ଧାର୍ଯ୍ୟ କରିଛନ୍ତି ।

---

# ପ୍ରେଗାବାଲିନ୍ ମେଡିସିନ୍

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଯୁବପିଢ଼ି ମଧ୍ୟରେ ପ୍ରେଗାବାଲିନ ଔଷଧର ଅପବ୍ୟବହାର ରୋକିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ରାଜ୍ୟରୁ ଏହି ଔଷଧର ଦୁରୁପଯୋଗ ହେଉଥିବା ରିପୋର୍ଟ ମିଳିବା ପରେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛନ୍ତି । ସୂଚନା ମୁତାବକ, ଅତ୍ୟଧିକ ଯନ୍ତ୍ରଣା, ସ୍ନାୟୁ ଜନିତ ରୋଗ କ୍ଷେତ୍ରରେ ଏହି ଔଷଧର ବ୍ୟବହାର କରାଯାଇଥାଏ । ତେବେ କେତେକ ରାଜ୍ୟରେ ଏହାକୁ ନିଶା ଔଷଧ ଭାବରେ ପ୍ରବଳ ବ୍ୟବହାର କରାଯାଉଥିବା ରିପୋର୍ଟରେ କୁହାଯାଇଛି । ଔଷଧ ନିୟମାବଳୀର ଅନୁଚ୍ଛେଦ ଏଚ୍-୧ରେ ଏହି ଔଷଧକୁ ଅନ୍ତର୍ଭୁକ୍ତ କରାଯାଇଛି ।

# ଆଇବିଏ ସମିଟ୍ ସ୍ଥଗିତ

ନୂଆଦିଲ୍ଲୀରେ ଆସନ୍ତା ମାସ ୧ ତାରିଖରେ ପ୍ରସ୍ତାବିତ ପ୍ରଥମ ଆନ୍ତର୍ଜାତିକ ବିଗ୍ କ୍ୟାଟ୍ ଆଲାଏନ୍ସ – **IBCA** ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ସୂଚନା ଅନୁଯାୟୀ ଆଫ୍ରିକୀୟ ସଂଘ ଏବଂ ଆଫ୍ରିକୀୟ ୟୁନିୟନ୍ କମିଶନ୍‌ଙ୍କ ସହ ଆଲୋଚନା ପରେ ଚତୁର୍ଥ ଭାରତ-ଆଫ୍ରିକା ଶିଖର ସମ୍ମିଳନୀ ପରବର୍ତ୍ତୀ ସମୟରେ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯିବା ପରେ ବିଗ୍ କ୍ୟାଟ୍ ଆଲାୟନ୍ସ ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ସମୟରେ ସମ୍ମିଳନୀ ଆୟୋଜନ ନେଇ ତାରିଖ ସ୍ଥିର କରାଯିବ ବୋଲି ଜଣାପଡ଼ିଛି ।

# ଇଣ୍ଟରନ୍ୟାସନାଲ୍-ବାୟୋଲୋଜିକାଲ୍ ଡେ

ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ଅବସରରେ ଆଜି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବ ଦେଶବାସୀଙ୍କୁ ଏକ ସହଜ ଜୀବନଯାପନ

ଲାଗି ଜୈବ ବିବିଧତାର ସଂରକ୍ଷଣ ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଲୋକମାନଙ୍କ ଯୋଗଦାନ ଓ ପଦକ୍ଷେପ ଫଳରେ ଏହା ସଫଳ ହୋଇପାରିବ ।

ତୃଣମୂଳ ସ୍ତରରୁ ପ୍ରାକୃତିକ ବିବିଧତାର ସଂରକ୍ଷଣ ଆରମ୍ଭ କରିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ପାଳନ କରାଯାଉଛି । କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ଜୈବ ବିବିଧତାର ସୁରକ୍ଷା କେବଳ ବିଶ୍ୱସ୍ତରୀୟ ପ୍ରତିବଦ୍ଧତା ନୁହେଁ ବରଂ ସମସ୍ତ ନାଗରିକ, ଅନୁଷ୍ଠାନ ଓ ସରକାରଙ୍କ ଦାୟିତ୍ୱ । ଚଳିତ ବର୍ଷର ବିଷୟବସ୍ତୁ 'ବିଶ୍ୱରେ ପ୍ରଭାବ ପାଇଁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରିବା' ବାର୍ତ୍ତା ନେଇ ଆଜିର ଦିବସରେ ଭାରତ ଏ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ହର୍ଷ ବର୍ଦ୍ଧନ କରିଛନ୍ତି ।

ସେ କହିଛନ୍ତି, ମନ୍ କି ବାତ୍ ଭଳି କାର୍ଯ୍ୟକ୍ରମର ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ସମ୍ପର୍କରେ ବିଶ୍ୱବାସୀ ଅବଗତ ହୋଇଛନ୍ତି । ମିଶନ୍ ଲାଇଫ୍ ପଦକ୍ଷେପ ମାଧ୍ୟମରେ ବିଶ୍ୱ ଜୈବ ବିବିଧତା ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଭାରତ ପ୍ରତିବଦ୍ଧତା ପ୍ରକାଶ କରିଛି ବୋଲି ଶ୍ରୀ ହର୍ଷ ବର୍ଦ୍ଧନ କରିଛନ୍ତି ।

---

## ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଆଜି ହାଇଦରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିଅମରେ ସନ୍ଧ୍ୟା ୭ଟା ୩୦ରେ ସନରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୮୯ ରନରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ଗୁଜରାଟ ଟାଇଟାନ୍ସ ଦ୍ୱାରା ଧାର୍ଯ୍ୟ ୨୩୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ସୁପର କିଙ୍ଗସ ୧୩ ଓଭର ୪ଟି ବଲରେ ସମସ୍ତ ୱିକେଟ ହରାଇ ୧୪୦ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୨୯ ରନ କରିଥିଲା। ମହମ୍ମଦ ସିରାଜଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

---